ସୂଚନା ଓ ଲୋକ ସଂପର୍କ ବିଭାଗ
Information & Public Relations Department
Government of Odisha, Bhubaneswar-751001
Phone : (91-674) 2536736 /2390818 (Fax)
e-mail : iprsec.or@nic.in

**News ID-IPR/Forest and Env.(Odia)/1484/21-03-2021**

# ରାଜ୍ୟସ୍ତରୀୟ ବିଶ୍ୱ ବନଦିବସ-୨୦୨୧ ପାଳିତ

## ୨୦୨୧-୨୨ରେ ରାଜ୍ୟରେ ୧ ଲକ୍ଷ ୫୦ ହଜାର ୪୮୧ ହେକ୍ଟର ବନୀକରଣ କରିବା ପାଇଁ ଲକ୍ଷ୍ୟ ରଖାଯାଇଛି : ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ଶ୍ରୀ ଆରୁଖ

ଭୁବନେଶ୍ୱର, ୨୧.୦୩.୨୦୨୧

ଆଜି ସ୍ଥାନୀୟ ଜୟଦେବ ବାଟିକା ପରିସରରେ ରାଜ୍ୟସ୍ତରୀୟ ବିଶ୍ୱ ବନଦିବସ ମହାସମାରୋହରେ ପାଳିତ ହୋଇଯାଇଛି । ଏଥିରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଜଙ୍ଗଲ ଓ ପରିବେଶ, ସଂସଦୀୟ ବ୍ୟାପାର ମନ୍ତ୍ରୀ ଶ୍ରୀ ବିକ୍ରମ କେଶରୀ ଆରୁଖ କହିଲେ ଯେ ଅରଣ୍ୟ ସମ୍ପଦର ସୁରକ୍ଷା, ସଂରକ୍ଷଣ ଓ ପୁନରୁଦ୍ଧାର ସମ୍ବନ୍ଧରେ ଜନସଚେତନତା ସୃଷ୍ଟି କରିବା ଏହି ଦିବସ ପାଳନର ମୁଖ୍ୟ ଉଦ୍ଦେଶ୍ୟ । ଚଳିତ ବର୍ଷ ଏହି ଦିବସ ପାଳନର ସନ୍ଦେଶ ରହିଛି ‘‘ଜଙ୍ଗଲର ପୁନରୁଦ୍ଧାର : ପୁନର୍ଜୀବନ ଏବଂ ସୁସ୍ଥତା ପାଇଁ ଏକ ପଥ’ ।

ଜଙ୍ଗଲ ହିଁ ଜୀବନ । ମାନବ ଜାତି ଓ ସୁସ୍ଥ ପରିବେଶ ପାଇଁ ଜଙ୍ଗଲର ଭୂମିକା ଅନସ୍ୱୀକାର୍ଯ୍ୟ । ଜଙ୍ଗଲ ଯୋଗୁଁ ଆମେ ପ୍ରଦୂଷଣମୁକ୍ତ ବାୟୁ, ଯଥେଷ୍ଟ ବୃଷ୍ଟି, ଖାଦ୍ୟ, ଔଷଧ ଓ ଇନ୍ଧନ ପ୍ରଭୃତି ପାଇଥାଉ । ମନୁଷ୍ୟ ସମାଜ ପାଇଁ ବହୁମୂଲ୍ୟ ଜୈବବିବିଧତାର ମୂଳ ଉତ୍ସ ହେଉଛି ଜଙ୍ଗଲ । ଜଙ୍ଗଲର ଶ୍ରୀବୃଦ୍ଧି ଓ ସମୃଦ୍ଧି ଉପରେ ମାନବ ଜାତିର ଭବିଷ୍ୟତ ନିର୍ଭର କରିଥାଏ ବୋଲି ମନ୍ତ୍ରୀ ଶ୍ରୀ ଆରୁଖ ପ୍ରକାଶ କରିଥିଲେ ।

ମନ୍ତ୍ରୀ ଶ୍ରୀ ଆରୁଖ କହିଲେ ଯେ ଭାରତୀୟ ଜଙ୍ଗଲ ସର୍ବେକ୍ଷଣ ସଂସ୍ଥାର ତଥ୍ୟ ଅନୁସାରେ ୨୦୧୭ରୁ ୨୦୧୯ ମସିହା ମଧ୍ୟରେ ରାଜ୍ୟରେ ୨୭୪ ବର୍ଗ କିଲୋମିଟର ଜଙ୍ଗଲ ଅଞ୍ଚଳ ଓ ୬୫୫ ବର୍ଗ କିଲୋମିଟର ବୃକ୍ଷ ଆଚ୍ଛାଦିତ ଅଞ୍ଚଳର ବୃଦ୍ଧି ଘଟିଛି । ସଂପ୍ରତି ଆମ ରାଜ୍ୟର ଜଙ୍ଗଲ ଆଚ୍ଛାଦିତ ଅଞ୍ଚଳର କ୍ଷେତ୍ରଫଳ ୬୧ ହଜାର ୨୦୪ ବର୍ଗ କିଲୋମିଟର ।

ଜଙ୍ଗଲ ଆଚ୍ଛାଦିତ ଅଞ୍ଚଳର କ୍ଷେତ୍ରଫଳ ଅନୁଯାୟୀ ଆମ ରାଜ୍ୟ ମଧ୍ୟପ୍ରଦେଶ, ଅରୁଣାଞ୍ଚଳ ପ୍ରଦେଶ ଓ ଛତିଶଗଡ଼ ପରେ ଦେଶର ଚତୁର୍ଥ ସ୍ଥାନ ଅଧିକାର କରିଛି । ଆମ ରାଜ୍ୟର ସମଗ୍ର ଭୌଗୋଳିକ ଆୟତନର ୩୯.୩୧ ପ୍ରତିଶତ ହେଉଛି ଜଙ୍ଗଲ ଓ ବୃକ୍ଷ ଆଚ୍ଛାଦିତ ଅଞ୍ଚଳ, ଯାହାକି ସର୍ବଭାରତୀୟ ହାରାହାରି ଅନୁପାତଠାରୁ ଉର୍ଦ୍ଧ୍ୱରେ । ଜଙ୍ଗଲ ସଂରକ୍ଷଣ ଏବଂ ଉଜୁଡ଼ା ଜଙ୍ଗଲର ପୁନର୍ଜନନ ନିମନ୍ତେ ରାଜ୍ୟ ସରକାରଙ୍କ ସୁଦୃଢ଼ ପଦକ୍ଷେପ ସହିତ ଜନସାଧାରଣ ଓ ବନ ସୁରକ୍ଷା ସମିତିମାନଙ୍କର ସହଯୋଗ ଯୋଗୁଁ  ବିଗତ ଦୁଇଦଶନ୍ଧି ମଧ୍ୟରେ କ୍ରମାଗତ ଭାବରେ ଆମ ରାଜ୍ୟରେ ଜଙ୍ଗଲ ଅଞ୍ଚଳ ବୃଦ୍ଧି ସମ୍ଭବ ହୋଇପାରିଛି ବୋଲି ମନ୍ତ୍ରୀ ଶ୍ରୀ ଆରୁଖ ପ୍ରକାଶ କରିଥିଲେ ।

୨୦୨୧-୨୨ରେ ରାଜ୍ୟରେ ୧ ଲକ୍ଷ ୫୦ ହଜାର ୪୮୧ ହେକ୍ଟର ବନୀକରଣ କରିବା ପାଇଁ ଲକ୍ଷ୍ୟ ରଖାଯାଇଛି । ସେଥିମଧ୍ୟରୁ ୪୪ ହଜାର ୫୦୦ ହେକ୍ଟର କାମ୍ପା ପାଣ୍ଠି ମାଧ୍ୟମରେ ଓ ୫୦ ହଜାର ହେକ୍ଟର ମହାତ୍ମା ଗାନ୍ଧୀ ନରେଗା ଯୋଜନାରେ ବନୀକରଣ କରାଯିବା ପାଇଁ ସ୍ଥିର ହୋଇଛି । ଚଳିତ ବର୍ଷ ବିଭିନ୍ନ ବନୀକରଣ କାର୍ଯ୍ୟକ୍ରମରେ ସମୁଦାୟ ୩ କୋଟି ୯୨ ଲକ୍ଷ ଚାରା ରୋପଣ କରାଯିବା ସହିତ ୪ କୋଟି ୬୬ ଲକ୍ଷ ବୃକ୍ଷ ଚାରା ଜନସାଧାରଣ ଏବଂ ବିଭିନ୍ନ ସରକାରୀ ଓ ବେସରକାରୀ ଅନୁଷ୍ଠାନମାନଙ୍କ ମଧ୍ୟରେ ବିତରଣ କରାଯାଇଛି ଏବଂ ୧ କୋଟି ୭ ଲକ୍ଷ ହେକ୍ଟର ପରିମିତ ଅଞ୍ଚଳରେ ବନୀକରଣ କରାଯାଇଛି । ଚଳିତ ବର୍ଷ ଭୁବନେଶ୍ୱର ସମେତ ରାଜ୍ୟର ସମସ୍ତ ନଗର ଓ ପୌରାଞ୍ଚଳରେ ସ୍ୱଚ୍ଛ ସୁନ୍ଦର ସବୁଜିମା ପରିବେଶ ସୃଷ୍ଟି କରିବା ନିମିତ୍ତ ପ୍ରାୟତଃ ୩ ଲକ୍ଷ ୮୦ ହଜାର ବୃକ୍ଷ ଚାରା ରୋପଣ କରାଯାଇଛି ବୋଲି ମନ୍ତ୍ରୀ ଶ୍ରୀ ଆରୁଖ କହିଥିଲେ ।

ରାଜ୍ୟ ସରକାରଙ୍କ ପ୍ରଚଳିତ ଯୁଗ୍ମ ବନ ପରିଚାଳନା ନୀତି ଅନୁଯାୟୀ ‘‘ଆମ ଜଙ୍ଗଲ ଯୋଜନା’’ରେ ପ୍ରାୟତଃ ୧୬ ହଜାର ବନ ସୁରକ୍ଷା ସମିତି ଓ ପରିବେଶ ଉନ୍ନୟନ କମିଟିଙ୍କ ମାଧ୍ୟମରେ ୧୩ ହଜାର ୫୦୦ ବର୍ଗ କିଲୋମିଟର ଜଙ୍ଗଲକୁ ସୁରକ୍ଷା ଦିଆଯାଇ ପାରିଛି । ପ୍ରାୟତଃ ୧୪ ହଜାର ମହିଳା ସ୍ୱୟଂ ସହାୟକ ଗୋଷ୍ଠୀମାନଙ୍କୁ ବିଭିନ୍ନ ଉପାର୍ଜନକ୍ଷମ କାର୍ଯ୍ୟକ୍ରମରେ ନିୟୋଜିତ କରାଯାଇଛି । ‘‘ସବୁଜ ମହାନଦୀ ମିଶନ’’ରେ ମହାନଦୀ, ଇବ୍, ତେଲ, ବ୍ରାହ୍ମଣୀ, ବୈତରଣୀ, ଋଷିକୂଲ୍ୟା ଓ ବଂଶଧାରା ନଦୀଗୁଡ଼ିକର ଉଭୟ ପାର୍ଶ୍ୱରେ ସବୁଜ ବଳୟ ସୃଷ୍ଟି କରାଯାଉଛି । ବିଗତ ୩ ବର୍ଷ ମଧ୍ୟରେ ଏହି ମିଶନ ଅନ୍ତର୍ଗତ ପ୍ରାୟତଃ ୧୮ ହଜାର ହେକ୍ଟର ଜମିରେ ୯୬ ଲକ୍ଷ ବୃକ୍ଷ ଚାରା ରୋପଣ କରାଯାଇ ପାରିଛି ବୋଲି ମନ୍ତ୍ରୀ ଶ୍ରୀ ଆରୁଖ ସୂଚନା ଦେଇଥିଲେ ।

ଏହି ଉତ୍ସବରେ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଜଙ୍ଗଲ ଓ ପରିବେଶ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଡ. ମୋନା ଶର୍ମା କହିଲେ ଯେ ବିଗତ ଦୁଇ ବର୍ଷ ମଧ୍ୟରେ ଆମ ଦେଶର ଜଙ୍ଗଲ ଓ ବୃକ୍ଷ ଆଚ୍ଛାଦିତ ଅଞ୍ଚଳ ୫୧୮୮ ବର୍ଗ କିଲୋମିଟର ବୃଦ୍ଧି ପାଇଛି । ଆମ ରାଜ୍ୟରେ ଏହି ବୃଦ୍ଧି ୯୨୯ ବର୍ଗ କିଲୋମିଟର । ରାଜ୍ୟ ସରକାର ଜଙ୍ଗଲର ପରିସୀମା ବଢ଼ାଇବା ପାଇଁ ବିଭିନ୍ନ ବନୀକରଣ ଓ ବନସଂରକ୍ଷଣ ଯୋଜନାମାନ କାର୍ଯ୍ୟକାରୀ କରିଛନ୍ତି ଏବଂ ସମସ୍ତ ଯୋଜନାଗୁଡ଼ିକରେ ଗ୍ରାମବାସୀମାନଙ୍କୁ ଓତଃପ୍ରୋତ ଭାବେ ଜଡ଼ିତ କରାଯାଇଛି ।

ପ୍ରଧାନ ମୁଖ୍ୟ ବନସଂରକ୍ଷକ ଓ ବନବାହିନୀ ମୁଖ୍ୟ ଶ୍ରୀ ଶିଶିର କୁମାର ରଥ ସ୍ୱାଗତ ଭାଷଣ ଦେଇ କହିଲେ ଯେ ଯୁଗ୍ମ ଜଙ୍ଗଲ ପରିଚାଳନା କାର୍ଯ୍ୟକ୍ରମ କାର୍ଯ୍ୟକାରୀ କରିବାରେ ଓଡ଼ିଶା ଦେଶରେ ଅନ୍ୟତମ ପ୍ରମୁଖ ରାଜ୍ୟ । ଜଙ୍ଗଲ ନିକଟସ୍ଥ ଗ୍ରାମବାସୀ, ବନସୁରକ୍ଷା ସମିତି ଓ ପରିବେଶ ଉନ୍ନୟନ କମିଟି ଆଦି ସରକାରଙ୍କୁ ଜଙ୍ଗଲ ସୁରକ୍ଷା, ସଂରକ୍ଷଣ ଓ ପୁନରୁଦ୍ଧାର କ୍ଷେତ୍ରରେ ସହାୟତାର ହାତ ବଢ଼ାଇ ଆସିଛନ୍ତି ଏବଂ ସେମାନଙ୍କ ସକ୍ରିୟ ସହଯୋଗ ଯୋଗୁ ରାଜ୍ୟର ଜଙ୍ଗଲ ପରିସୀମାରେ ଅଭିବୃଦ୍ଧି ସାଧିତ ହୋଇପାରିଛି ।

ଅତିରିକ୍ତ ପ୍ରଧାନ ମୁଖ୍ୟ ବନସଂରକ୍ଷକ (ଏମ୍‌ଇଆଇଭି) ଶ୍ରୀ ଓମ୍‌ପ୍ରକାଶ ସିଂ ଧନ୍ୟବାଦ ଦେଇଥିଲେ । ପୂର୍ବରୁ ମୁଖ୍ୟ ଅତିଥି ମନ୍ତ୍ରୀ ଶ୍ରୀ ଆରୁଖଙ୍କ ଦ୍ୱାରା ‘ହାଇଲାଇଟସ୍ ଅଫ୍ ଓଡ଼ିଶା ଫରେଷ୍ଟ୍ରି ସେକ୍ଟର-୨୦୨୧’, ‘ଓଡ଼ିଶା ଫରେଷ୍ଟ ଡିପାର୍ଟମେଣ୍ଟ କୋଡ୍-୨୦୨୦’, ‘ନାଚୁରାଲ ପେକ୍ଟିନ୍ ଫ୍ରମ

ଏଡିବୁଲ୍ ଫ୍ରୁଟସ୍ ଅଫ୍ ଓଡ଼ିଶା’, ‘ଏସ୍‌ଓପି ବୁକ୍ସ ଅଫ୍ ୱାଇଲଡ୍ ଲାଇଫ୍ (ଓଡ଼ିଶା ବନ୍ୟଜନ୍ତୁ ପରିଚାଳନାର ବିସ୍ତୃତ ମାର୍ଗଦର୍ଶିକା)’ ଓ ‘ଫୁଡ୍ ପ୍ଲାଣ୍ଟସ୍ ଅଫ୍ ଏସିଆଟିକ୍ ଏଲିଫାଣ୍ଟସ୍ ଇନ୍ ଓଡ଼ିଶା’ ପୁସ୍ତକ ଉନ୍ମୋଚିତ ହୋଇଥିଲା ।

ଏହି ଅବସରରେ ୨୦୨୦ ଏବଂ ୨୦୨୧ ବର୍ଷ ପାଇଁ ‘ପ୍ରକୃତି ପର୍ଯ୍ୟଟନ’ ମାଧ୍ୟମରେ ‘ଜଙ୍ଗଲ ସୁରକ୍ଷା ପାଇଁ ମୁଖ୍ୟମନ୍ତ୍ରୀ ପୁରସ୍କାର’ ମନ୍ତ୍ରୀ ଶ୍ରୀ ଆରୁଖ ପ୍ରଦାନ କରିଥିଲେ । ଜଙ୍ଗଲ ସୁରକ୍ଷା ଦିଗରେ ଉଚ୍ଚକୋଟୀର କାର୍ଯ୍ୟ ସଂପାଦନ ପାଇଁ ୨୦୨୦ ମସିହା ନିମନ୍ତେ ସାତକୋଶିଆ ସାଣ୍ଡ ରେସର୍ଟ, ବଡ଼ମୁଳ  ପରିଚାଳନା କରିଥିବା ମା’ସାତଭଉଣୀ ପରିବେଶ ଉନ୍ନୟନ କମିଟି ପ୍ରଥମ ପୁରସ୍କାର, କୁମାରୀ ନେଚର କ୍ୟାମ୍ପ ପରିଚାଳନା କରିଥିବା କୁମାରୀ ପରିବେଶ ଉନ୍ନୟନ କମିଟି ଦ୍ୱିତୀୟ ପୁରସ୍କାର ଏବଂ ଦେବ୍ରିଗଡ଼ ନେଚର କ୍ୟାମ୍ପ ପରିଚାଳନା କରିଥିବା ଧୋଡ୍ରୋକୁସୁମ୍ ପରିବେଶ ଉନ୍ନୟନ କମିଟି ତୃତୀୟ ପୁରସ୍କାର ପାଇଥିଲେ । ସେହିପରି ୨୦୨୧ ମସିହା ନିମନ୍ତେ ଡାଙ୍ଗମାଳ ନେଚର କ୍ୟାମ୍ପ ପରିଚାଳନା କରିଥିବା ଡାଙ୍ଗମାଳ ପରିବେଶ ଉନ୍ନୟନ କମିଟି ପ୍ରଥମ ପୁରସ୍କାର, ମାଣ୍ଡାସରୁ ନେଚର କ୍ୟାମ୍ପ ପରିଚାଳନା କରିଥିବା ମାଣ୍ଡାସରୁ ପରିବେଶ ଉନ୍ନୟନ କମିଟି ଦ୍ୱିତୀୟ ପୁରସ୍କାର ଏବଂ ଦାରିଙ୍ଗବାଡ଼ି ନେଚର କ୍ୟାମ୍ପ ପରିଚାଳନା କରିଥିବା ସାରିନ୍‌ଗିରିପ୍ ବନସୁରକ୍ଷା ସମିତି ତୃତୀୟ ପୁରସ୍କାର ପାଇଥିଲେ ।

୨୦୨୦ ଏବଂ ୨୦୨୧ ମସିହା ନିମନ୍ତେ ୪ ଜଣ ରେଞ୍ଜ ଅଫିସର, ୧୨ ଜଣ ଫରେଷ୍ଟର ଓ ୨୪ ଜଣ ବନରକ୍ଷୀଙ୍କୁ  ଜଙ୍ଗଲ ବିଭାଗରେ ଉତ୍ତମ ସେବା ସଂପାଦନ ପାଇଁ ପୁରସ୍କୃତ କରାଯାଇଥିଲା ।

ମାନସ ରଞ୍ଜନ ଖୁଣ୍ଟିଆ,
ସୂଚନା ଅଧିକାରୀ